# NATIONAL NEWS BULLETIN (ODIA)

## 25 July - 2025

## Morning Bulletin : 7.15 A.M.

**************************************************

## ମୁଖ୍ୟ ସମ୍ବାଦ

- ମାଳଦ୍ୱୀପକୁ ଆଜିଠାରୁ ଦୁଇଦିନିଆ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ।
- ଭାରତ-ଯୁକ୍ତରାଜ୍ୟ ମୁକ୍ତବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷରକୁ ସ୍ୱାଗତ କରିଛି ଭାରତୀୟ ଶିଳ୍ପ ମହାସଂଘ ।
- ବିହାର ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ଅଭିଯାନରେ ୯୦ ପ୍ରତିଶତ ଭୋଟର ସାମିଲ ହୋଇଥିବା ସୂଚନା ।
- ୧୨ଟି ଜିଲ୍ଲାରେ ୨୩ଟି ନୂତନ ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି ଓଡ଼ିଶା ସରକାର ।

ଏବଂ

- ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫିର ଚତୁର୍ଥ ଟେଷ୍ଟ ମ୍ୟାଚ୍‌ର ଆଜି ତୃତୀୟ ଦିନରେ ୨୨୫ରନ୍‌ରୁ ପ୍ରଥମ ଇଂନିସ୍ ବ୍ୟାଟିଂ ଜାରି ରଖିବ ଇଂଲଣ୍ଡ ।

# ପିଏମ୍-ମାଲଦୀପ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମାଲଦୀପକୁ ଦୁଇ ଦିନିଆ ଗସ୍ତ କରିବେ । ୨୦୨୩ରେ ରାଷ୍ଟ୍ରପତି ଭାବେ ଡକ୍ଟର ମହମ୍ମଦ ମୁଇଜ୍ଜୁ ଦାୟିତ୍ୱ ଗ୍ରହଣ କରିବା ପରେ ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ଏହା ପ୍ରଥମ ମାଲଦୀପ ଗସ୍ତ । ସେଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସ୍ୱାଗତ କରିବା ପାଇଁ ପ୍ରସ୍ତୁତି କରାଯାଇଛି । ଭାରତୀୟ ଜାତୀୟ ପତାକା ସହ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଫଟୋ ଚିତ୍ର ଥିବା ବ୍ୟାନର ଗୁଡ଼ିକ ସାରା ସହରରେ ପ୍ରଦର୍ଶନ କରାଯାଉଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏବଂ ମାଲଦୀପ ରାଷ୍ଟ୍ରପତି ଡକ୍ଟର ମୁଇଜ୍ଜୁ ମିଳିତ ଭାବରେ ବ୍ୟାପକ ଅର୍ଥନୀତି ଏବଂ ସୁରକ୍ଷା ଓ ସାମୁଦ୍ରିକ ସହଭାଗିତାର ବିକାଶ ନେଇ ସମୀକ୍ଷା କରିବେ । ମାଲଦୀପର ଅନ୍ୟ ନେତୃବୃନ୍ଦଙ୍କ ସହ ପ୍ରଧାନମନ୍ତ୍ରୀ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଏହି ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ସହ ମାଲଦୀପର ୬୦ତମ ସ୍ୱାଧୀନତା ଦିବସ ସମାରୋହରେ ସମ୍ମାନିତ ଅତିଥି ଭାବେ ଯୋଗଦେବେ । ଚଳିତ ବର୍ଷ ଭାରତ-ମାଲଦୀପ ମଧ୍ୟରେ କୂଟନୈତିକ ସମ୍ପର୍କକୁ ୬୦ ବର୍ଷ ପୂରଣ ହେଉଥିବାରୁ କେତେକ ଚୁକ୍ତିନାମା ଚୂଡ଼ାନ୍ତ ହେବାର କାର୍ଯ୍ୟକ୍ରମ ରହିଛି । ଏ ସମ୍ପର୍କରେ ଏକ ରିପୋର୍ଟ୍ : **V/O-JEEVAN-PM-MALDIVES**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାଲଦୀପକୁ ଏହା ତୃତୀୟ ଗସ୍ତ । ମାଲଦୀପରେ ଅବସ୍ଥାପିତ ଭାରତର ଉଚ୍ଚାୟୁକ୍ତ ଜି. ବାଲାସୁବ୍ରମଣ୍ୟମ୍

କହିଛନ୍ତି, ଉଭୟ ନେତା ଭାରତ-ମାଳଦୀପ ଦ୍ୱାରା ମିଳିତ ଭାବେ ହୋଇଥିବା ପ୍ରଗତି ବିଷୟରେ ସମୀକ୍ଷା କରିବେ ।

**V/O- G. Balsubramaniam**

# ପିଏମ୍-ଲଣ୍ଡନ

ଭାରତ ଏବଂ ବ୍ରିଟେନ୍ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷରିତ ହେବା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ତାଙ୍କ ବ୍ରିଟିଶ୍ ପ୍ରତିପକ୍ଷ କିର୍ ଷ୍ଟାର୍ମରଙ୍କ ମଧ୍ୟରେ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ବ୍ରିଟିଶ୍ ପ୍ରଧାନମନ୍ତ୍ରୀଙ୍କ ସରକାରୀ ବାସଭବନ ଚେକର୍ସ୍‌ରେ ଅନୁଷ୍ଠିତ ଆଲୋଚନାରେ ପ୍ରଧାନମନ୍ତ୍ରୀ ମୋଦୀ ପ୍ରତିରକ୍ଷା, ବାଣିଜ୍ୟ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ର ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ବୈଠକ ପରେ ପ୍ରଧାନମନ୍ତ୍ରୀ କହିଥିଲେ, ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ବ୍ରିଟିଶ୍ ପ୍ରଧାନମନ୍ତ୍ରୀ ଓ ତାଙ୍କ ମନ୍ତ୍ରିମଣ୍ଡଳ ଦୃଢ଼ ନିନ୍ଦା କରିଛନ୍ତି ।

**V/O-PM-MODI-TERRORISM**

# ସିଆଇଆଇ-ଇଣ୍ଡିଆ-ୟୁକେ-ଏଫ୍‌ଟିଆଇ

ଭାରତୀୟ ଶିଳ୍ପ ମହାସଂଘ, ଭାରତ-ଯୁକ୍ତରାଜ୍ୟ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷରକୁ ସ୍ୱାଗତ କରିଛି । ଉଭୟ ଦେଶ ମଧ୍ୟରେ ଆର୍ଥିକ ସମ୍ପର୍କକୁ

ଆହୁରି ଦୃଢ଼ କରିବା ସହ ଏହି ଚୁକ୍ତି ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ମହାସଂଘ କହିଛି । ଭାରତୀୟ ଏଣ୍ଟରପ୍ରାଇଜେସ୍‌ର ପ୍ରତିଷ୍ଠାତା ଏବଂ ଅଧ୍ୟକ୍ଷ ତଥା ଭାରତୀୟ ଶିଳ୍ପ ମହାସଂଘ ଦ୍ୱାରା ଆୟୋଜିତ ଭାରତ-ଯୁକ୍ତରାଜ୍ୟ ଫୋରମ୍‌ର ସହ ଅଧ୍ୟକ୍ଷ ସୁନୀଲ ଭାରତୀ ମିତଲଙ୍କ ନେତୃତ୍ୱରେ ପ୍ରଧାନମନ୍ତ୍ରୀଙ୍କ ସହ ଯାଇଥିବା ୧୬ ଜଣିଆ ଶିଳ୍ପ ପ୍ରତିନିଧି ଦଳ ମୁକ୍ତ ବାଣିଜ୍ୟ ଚୁକ୍ତିକୁ ସ୍ୱାଗତ କରିଛି । ଏହି ଅବସରରେ ଶ୍ରୀ ମିତଲ କହିଛନ୍ତି, ଉଭୟ ଦେଶ ମଧ୍ୟରେ ବାଣିଜ୍ୟିକ ଚୁକ୍ତି ନବସୃଜନକୁ ପ୍ରୋତ୍ସାହିତ କରିବା ସହ ଦୁଇ ଦେଶ ମଧ୍ୟରେ ନିବେଶ ବୃଦ୍ଧି ପାଇବ । ଉଭୟ ଦେଶ ମଧ୍ୟ ବ୍ୟବସାୟ କ୍ଷେତ୍ରରେ ଅଧିକ ଲାଭବାନ ହେବେ ।

ଅନ୍ୟ ପକ୍ଷରେ ଶିଳ୍ପ ପ୍ରତିନିଧି ଦଳ ଡିଜିଟାଲ୍ ପରିବର୍ତ୍ତନ ଓ ପ୍ରଯୁକ୍ତିବିଦ୍ୟା, ସ୍ୱଚ୍ଛଶକ୍ତି, ସ୍ୱାସ୍ଥ୍ୟ, ସ୍ଥାୟିତ୍ୱ ଏବଂ ଜଳବାୟୁ କ୍ଷେତ୍ରରେ ଅଧିକ ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟରେ ସେଠାକାର ବରିଷ୍ଠ ଅଧିକାରୀ ଏବଂ ଶୀର୍ଷ ପରିଚାଳନା ନିର୍ଦ୍ଦେଶକମାନଙ୍କ ସହ ଯୋଗାଯୋଗ କରିଛନ୍ତି ।

ମହାସଂଘ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ବର୍ତ୍ତମାନ ୯୭୦ରୁ ଅଧିକ ଭାରତୀୟ କମ୍ପାନୀ ସେଠାରେ କାର୍ଯ୍ୟ କରୁଛନ୍ତି । ଯାହା ନିଯୁକ୍ତି, କର୍ପୋରେଟ୍ ଟିକସ ଯୋଗଦାନ ଏବଂ ସ୍ଥାନୀୟ ଅର୍ଥନୀତିର ଅଭିବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ଏହି ଚୁକ୍ତି ସ୍ୱାକ୍ଷରିତ ହେବା ଫଳରେ ଆସନ୍ତା ୨୦୩୦ ମସିହା ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟ ୧୨୦ ବିଲିୟନ୍ ଡଲାର୍ ଅତିକ୍ରମ କରିବ ବୋଲି କୁହାଯାଇଛି ।

ସୂଚନା ଅନୁଯାୟୀ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ହେଉଛି, ଏକ ସାମାଜିକ ସୁରକ୍ଷା ଚୁକ୍ତିନାମା ଯେଉଁଥିରେ ଭାରତୀୟ ବୃତ୍ତିଗତମାନଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ଯୁକ୍ତରାଜ୍ୟରେ କାମ କରିବା ସମୟରେ ନିଜ ଦେଶ ପ୍ରତି ଅବଦାନ ଦେଇପାରିବେ । ଶିଳ୍ପ ମହାସଂଘର ମହାନିର୍ଦ୍ଦେଶକ ଚନ୍ଦ୍ରଜିତ ବାନାର୍ଜୀ କହିଛନ୍ତି, ଏହି ଚୁକ୍ତି ଉଭୟ ଦେଶର ପରବର୍ତ୍ତୀ ପିଢ଼ିକୁ ସହଭାଗିତା ଲାଗି ନୂଆ ପ୍ଲାଟ୍‌ଫର୍ମ ପ୍ରଦାନ କରିବ ।

## ଇସି-ଏସ୍‌ଆଇଆର୍ ବିହାର

ନିର୍ବାଚନ ଆୟୋଗ କହିଛନ୍ତି, ବିହାରରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଅଧୀନରେ ଏ ପର୍ଯ୍ୟନ୍ତ ୯୯ ପ୍ରତିଶତ ଭୋଟର ସାମିଲ ହୋଇଛନ୍ତି । ବ୍ଲକ୍ ସ୍ତରୀୟ ଅଧିକାରୀମାନଙ୍କଠାରୁ ହସ୍ତଗତ ହୋଇଥିବା ତଥ୍ୟ ଅନୁଯାୟୀ ୧ ଲକ୍ଷ ଭୋଟରଙ୍କ କୌଣସି ପତ୍ତା ମିଳୁନାହିଁ । କମିଶନ୍ କହିଛନ୍ତି, ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ସମୟରେ ମିଳିଥିବା ତଥ୍ୟ ଅନୁଯାୟୀ ମୋଟ୍ ଭୋଟରଙ୍କ ମଧ୍ୟରୁ ୨୧ ଲକ୍ଷ ୬୦ ହଜାର ଭୋଟରଙ୍କ ମୃତ୍ୟୁ ଘଟିଥିବା ବେଳେ ୩୧ ଲକ୍ଷ ୫୦ ହଜାର ଭୋଟର ସେମାନଙ୍କ ବାସସ୍ଥାନ ପରିବର୍ତ୍ତନ କରିଛନ୍ତି ଓ ୭ ଲକ୍ଷ ଭୋଟର ୧ରୁ ଅଧିକ ସ୍ଥାନରେ ପଞ୍ଜିକରଣ କରିଛନ୍ତି । ଏହି ଅଭିଯାନରେ ଘରକୁ ଘର ଯାଇ ବ୍ଲକ୍ ସ୍ତରୀୟ ଅଧିକାରୀମାନେ ଯାଞ୍ଚ୍ କରୁଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ପାଖାପାଖି ୭ ଲକ୍ଷ ଭୋଟରଙ୍କ ଠାରୁ ମତଦାତା ଫର୍ମ ମିଳିପାରି ନାହିଁ । ଅନ୍ୟ ପକ୍ଷରେ ନିର୍ବାଚନ କମିଶନ୍ କହିଛନ୍ତି, ଭୋଟର ତାଲିକାରେ କୌଣସି ଭୋଟରଙ୍କ ନାମ ନଥିବା

ନେଇ ଯେକୌଣସି ରାଜନୈତିକ ଦଳ କିମ୍ବା ଅନ୍ୟ ଭୋଟର ଅଭିଯୋଗ ଦାୟାର କରିପାରିବେ । ଆସନ୍ତା ଅଗଷ୍ଟ ୧ ତାରିଖରେ ଡ୍ରାଫ୍ଟ ଭୋଟର ତାଲିକା ପ୍ରକାଶ ପାଇବାକୁ ଥିବା ବେଳେ ଆସନ୍ତା ସେପ୍ଟେମ୍ବର ୧ ତାରିଖ ସୁଦ୍ଧା ଅଭିଯୋଗ ଦାୟାର କରାଯାଇ ପାରିବ ବୋଲି ନିର୍ବାଚନ କମିଶନ୍ କହିଛନ୍ତି ।

## ପିଏମ୍-ବିକାଶ ମିଟିଂ

ପ୍ରଧାନମନ୍ତ୍ରୀ 'ବିରାସତ୍ କା ସମ୍ବର୍ଦ୍ଧନ' ଯୋଜନା ଅନ୍ତର୍ଗତ କ୍ଷମତାପ୍ରାପ୍ତ କମିଟିର ତୃତୀୟ ବୈଠକ ଗତକାଲି ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଯାଇଛି । ବୈଠକ ପରେ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ସୂଚନାରେ କୁହାଯାଇଛି, କମିଟି ସରକାରୀ ସଂସ୍ଥା, ବିଶ୍ୱବିଦ୍ୟାଳୟ ଏବଂ ବିଭିନ୍ନ ସଂଗଠନ ଗୁଡ଼ିକରୁ ଆସିଥିବା ୧୫ଟି ପ୍ରସ୍ତାବ ଉପରେ ଆଲୋଚନା ହୋଇଛି । ସେହିସବୁ ପ୍ରସ୍ତାବ ଗୁଡ଼ିକରେ ବୈଷୟିକ ଦକ୍ଷତା, ଉଦ୍ୟୋଗ ଏବଂ ସାଂସ୍କୃତିକ ସଂରକ୍ଷଣ ଉପରେ ଗୁରୁତ୍ୱ ଦେଉଛି । ବିଭିନ୍ନ ସଂସ୍ଥାର ପ୍ରତିନିଧିମାନେ ପି.ଏମ୍. ବିକାଶ ଯୋଜନା ଅଧୀନରେ ସାମିଲ ହେବା ପାଇଁ ପ୍ରକଳ୍ପ ଉପସ୍ଥାପନ କରିଛନ୍ତି । ଯେଉଁଥିରେ କମିଟି ସମୟୋଚିତ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ପ୍ରଦାନ କରିଛି । ସୂଚନା ଯୋଗ୍ୟ ପି.ଏମ୍. ବିକାଶ ଯୋଜନା ଜାତୀୟ ସଂଖ୍ୟାଲଘୁ ବିକାଶ ଏବଂ ଆର୍ଥିକ ନିଗମ ମାଧ୍ୟମରେ ଋଣ ପ୍ରଦାନ ବ୍ୟବସ୍ଥାକୁ ସହଜ କରିଥାଏ ।

## ଓଡ଼ିଶା ଇଣ୍ଡଷ୍ଟ୍ରିଆଲ୍ ପ୍ରୋଜେକ୍ଟସ୍

ଓଡ଼ିଶା ସରକାର ୧୨ଟି ଜିଲ୍ଲାରେ ୨୩ଟି ନୂତନ ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ କରିଛନ୍ତି । ଏହିସବୁ ପ୍ରକଳ୍ପ ଲାଗି ମୋଟ୍ ନିବେଶ ପ୍ରାୟ ୫ ହଜାର କୋଟି ଟଙ୍କା ହେବ । ସୂଚନା ଅନୁଯାୟୀ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ସ୍ୱପ୍ନକୁ ସାକାର କରିବା ଦିଗରେ ମଞ୍ଜୁର ହୋଇଥିବା ପ୍ରକଳ୍ପ ଗୁଡ଼ିକ ସହାୟକ ହେବ । ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ଏକକ ବାତାୟନ ମଞ୍ଜୁରୀ କର୍ତ୍ତୃପକ୍ଷର ୧୩୮ତମ ବୈଠକରେ ୪ ହଜାର ୯୮୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ୨୩ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ଏହି ପ୍ରକଳ୍ପ ଗୁଡ଼ିକ ଦ୍ୱାରା ରାଜ୍ୟର ୧୨ଟି ଜିଲ୍ଲାରେ ୧୧ହଜାର ୯୩୩ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି କୁହାଯାଇଛି ।

## କାର୍ଗିଲ୍ ବିଜୟ ଦିବସ

ଲଦାଖରେ ୧୯୯୯ କାର୍ଗିଲ୍ ଯୁଦ୍ଧ ସମୟରେ ଭାରତୀୟ ସଶସ୍ତ୍ର ବାହିନୀର ବଳୀଦାନକୁ ସମ୍ମାନ ଜଣାଇବା ପାଇଁ କାର୍ଗିଲ୍‌ର ଦ୍ରାସ୍‌ରେ ଆଜିଠାରୁ ୨୬ତମ କାର୍ଗିଲ୍ ବିଜୟ ଦିବସ ପାଳନ କରାଯାଉଛି । ଏହି ସମୟରେ ଜୋଜିଲା ଯୁଦ୍ଧ ସ୍ମାରକୀରେ ଜାତୀୟ ପତାକା ସ୍ଥାପନ କରାଯିବ । ଆଜି ଜାତୀୟ ପତାକା ଉତ୍ତୋଳନ କରାଯାଇ ବିଶିଷ୍ଟ ବ୍ୟକ୍ତି ଏବଂ ସହିଦ୍ ଯବାନମାନଙ୍କ ପରିବାରବର୍ଗଙ୍କ ସହ ପରିଚୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଫ୍ଲାଗ୍ ଫାଉଣ୍ଡେସନ୍ ଅଫ୍ ଇଣ୍ଡିଆର ମୁଖ୍ୟ ପରିଚାଳନା ଅଧିକାରୀ ଜେନେରାଲ୍ ଆଶିମ କୋହଲି ସମାବେଶକୁ ସମ୍ବୋଧନ କରିବା ସହ ବୀର ସହିଦମାନଙ୍କୁ

ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବେ । ଅନ୍ୟ ଏକ କାର୍ଯ୍ୟକ୍ରମରେ ସହିଦ ଯବାନମାନଙ୍କ ନିକଟତମ ସମ୍ପର୍କୀୟମାନଙ୍କୁ ସମ୍ବର୍ଦ୍ଧନା ଦିଆଯିବ ।

## କ୍ରିକେଟ୍ ଟେଷ୍ଟ-ଇଣ୍ଡିଆ-ଇଂଲଣ୍ଡ

ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫଡ୍ ଠାରେ ଚାଲିଥିବା ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫିର ଚତୁର୍ଥ ଟେଷ୍ଟ ମ୍ୟାଚ୍‌ର ଆଜି ତୃତୀୟ ଦିନରେ ଇଂଲଣ୍ଡ ଗତକାଲିର ସ୍କୋର ୨୨୫ରନ୍ ଓ ୨ ୱିକେଟ୍‌ରୁ ବ୍ୟାଟିଂ ଆରମ୍ଭ କରିବ । ଆୟୋଜକ ଇଂଲଣ୍ଡ ଭାରତ ଠାରୁ ୧୩୩ରନ୍ ପଛରେ ରହିଛି । ଭାରତ ପ୍ରଥମ ଇନିଂସରେ ୩୫୮ରନ୍ ସ୍କୋର କରିଥିଲା । ଭାରତର ରିଷଭ୍ ପନ୍ତ ୫୪ ଏବଂ ସାର୍ଦ୍ଦୁଲ୍ ଠାକୁର ୪୧ରନ୍ ସ୍କୋର କରିଥିଲେ । ଏହି ପାଞ୍ଚଟିକିଆ ଟେଷ୍ଟ ସିରିଜ୍‌ରେ ଇଂଲଣ୍ଡ ୨ଟି ମ୍ୟାଚ୍ ଜିତି ଆଗରେ ଥିବା ବେଳେ ଭାରତ ଗୋଟିଏ ମ୍ୟାଚ୍ ଜିତିବାରେ ସକ୍ଷମ ହୋଇଛି ।